



## ଆଇଆଇଟି ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ଉତ୍ସବ

# ସମାଜ ପାଇଁ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତିଙ୍କ ପରାମର୍ଶ




ଭୁବନେଶ୍ୱର, (ଆ.ପ୍ର.): ନିଜ ପାଇଁ ନୁହେଁ, ସମାଜ ପାଇଁ କାର୍ଯ୍ୟକରିବା ସମସ୍ତଙ୍କର ମୁଖ୍ୟ ଲକ୍ଷ୍ୟ ରହିବା ଆବଶ୍ୟକ। ଜଣେ ଛାତ୍ର ଏ ଦେଶର ଭବିଷ୍ୟତ। ସେ ପୁଣି ଉତ୍ତରପିଢ଼ିର ଦାୟାଦ। ଜଣେ ଛାତ୍ର କଦାପି ନିଜ



ପାଇଁ କାର୍ଯ୍ୟନକରି ସମାଜ ପାଇଁ କାର୍ଯ୍ୟ କରିବାକୁ ଏଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆଇଆଇଟି ଭୁବନେଶ୍ୱର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ରବିବାର ଅପରାହ୍ନରେ ଆଇଆଇଟି ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଗୋଲ୍ଡମେଡାଲିଷ୍ଟ ଛାତ୍ରଛାତ୍ରୀଙ୍କୁ ଶ୍ରୀ କୋବିନ୍ଦ ସମ୍ମାନିତ କରିଥିବା ବେଳେ ୨ଟି ଶିକ୍ଷା ଓ ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତିଙ୍କ ଧର୍ମପତ୍ନୀ ସବିତା କୋବିନ୍ଦ୍, ରାଜ୍ୟପାଳ ଏସ୍ ସି ଜମିର, କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷିତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ସତ୍ୟପାଲ୍ ସିଂ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ଛଡ଼ା କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀ ଗଣ ତଥା ତୈଳ ଓ ରାଷ୍ଟ୍ରାୟତ ଉଦ୍ୟୋଗର ସିଏମଡିମାନେ ଯୋଗ ଦେଇଥିଲେ। ଶେଷରେ ଆଇଆଇଟି ଭୁବନେଶ୍ୱରର ଅଧ୍ୟକ୍ଷ ପଙ୍କଜ ଆର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ଟେକ୍ ଗୋଲ୍ଡ ମେଡାଲିଷ୍ଟ ରିସଭ୍ ଗୋଏଲ

ଚଳିତବର୍ଷ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରର ଏମଟେକ୍ ଗ୍ରାଜୁଏଟ୍ ଭାବେ ଗୋଲ୍ଡ ମେଡାଲ ହାସଲ କରିଛନ୍ତି ରିସଭ



ଗୋଏଲ। ରିସଭ ସ୍କୁଲ୍ ଅଫ୍ ଆର୍ଥ, ଓସେନ ଆଣ୍ଡ କ୍ଲାଇମେଣ୍ଟ ସାଇନ୍ସେସ ରେ ରିସର୍ଚ୍ଚ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏଥିସହ ରିସଭ ନିଜ ବିଭାଗରେ ଟପ୍ପରର ହୋଇ ରୌପ୍ୟପଦକ ମଧ୍ୟ ହାତେଇଛନ୍ତି। ଦୁଇଦୁଇଟି ପଦକ ପାଇ ରିସଭ ନିଜକୁ ଖୁସି ମଣି ଗଣମାଧ୍ୟମ ଆଗରେ ନିଜର ଅଭିଜ୍ଞତାକୁ ପ୍ରକାଶ କରିଥିଲେ। ଅକ୍ଳାନ୍ତ ପରିଶ୍ରମ, ଗୁରୁଜନ ଓ ପରିବାର ସଦସ୍ୟଙ୍କ ଆର୍ଶିବାଦ ପାଇଁ ଆଜି ମୁଁ ଏହି ସ୍ଥାନରେ ପହଞ୍ଚିପାରିଛି। ଆଗାମୀ ଦିନରେ ରିସର୍ଚ୍ଚ କରି ଦେଶ ପାଇଁ କିଛି କାର୍ଯ୍ୟ କରିବି ବୋଲି ସେ କହିଛନ୍ତି।

# ଏମ୍‌ଏସି ଗୋଲ୍ଡ ମେଡାଲିଷ୍ଟ ପାର୍ଥସାରଥି ଜେନା

ଓଡ଼ିଆ ପୁଅ ପାର୍ଥସାରଥୀ ଜେନା ଆଇଆଇଟି ଭୁବନେଶ୍ୱରର ଏମଏସିରେ ଗୋଲ୍ଡ ମେଡାଲ ପାଇଥିବା ବେଳେ ନିଜ ବିଭାଗରେ ଟପ୍ପର ହୋଇ ରୌପ୍ୟପଦକ ହାସଲ କରିଛନ୍ତି। ପାର୍ଥ ସାରଥୀ



ଜେନା ଭୂତତ୍ତ୍ୱ ବିଜ୍ଞାନରେ ଚଳିତ ବର୍ଷ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଅବସରରେ ସେ ନିଜକୁ ଅତ୍ୟନ୍ତ ଖୁସି ମଣିଥିବା ବେଳେ ଏହାର ଶ୍ରେୟ ନିଜ ପିତାମାତା ଓ ଗୁରୁଜନଙ୍କୁ ଦେଇଛନ୍ତି। ଏହି ଅବସରରେ ପାର୍ଥଙ୍କ ବାପା ନିଳମଣି ଜେନା ପୁଅର କୃତିତ୍ୱ ପାଇଁ ଖୁସିରେ ଆତ୍ମହରା ହୋଇପଡିଥିଲେ। ଭଗବାନଙ୍କର ଆର୍ଶିବାଦ ପାଇଁ ଆଜି ଏପରି ସ୍ଥାନକୁ ମୋ ପୁଅ ଯାଇପାରିଛି। ଏହି ଅବସରରେ ପାର୍ଥ ସାରଥୀ କହିଛନ୍ତି ଯେ, ଆଗାମୀ ଦିନରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ଗବେଷଣା କରି ସମାଜକୁ ନୂଆ ଦିଗ୍‌ଦର୍ଶନ ଦେବାକୁ ମୋର ଚେଷ୍ଟା ଜାରି ରହିବ। ଏଥିପାଇଁ ସେ ସମସ୍ତଙ୍କର ସହଯୋଗ ଲୋଡିଛନ୍ତି।



ରାଜଭବନରେ ରାଷ୍ଟ୍ରପତି ଓ ରାଜ୍ୟପା

# ୨୦୩୦ ସୁଦ୍ଧା ୨୫ ଲକ୍ଷ ନିଯୁକ୍ତି ସୃଷ୍ଟି ହେ

ଡିଲୋ ଆଇଟି ଦ୍ୱାରା ଆକଳନ କରାଯାଇଥିବା ଅନୁଯାୟୀ ପୂର୍ବଭାତରେ ସର୍ବାଧିକ ପୁଞ୍ଜିନିବେଶ ହେବ। ଏଥିସହ ନୂଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ସୁଦ୍ଧା ପୂର୍ବ ଭାରତରେ ଟେକ୍ସଟାଇଲ ଓ ପଲିମର କ୍ଲଷ୍ଟରର ବିକାଶରେ ୩୦ ହଜାର କୋଟି ଯଙ୍କା ପୁଞ୍ଜିନିବେଶ ହେବ। ଏଥିସହ ୨୫ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି କେନ୍ଦ୍ର

ପେଟ୍ରୋଲିୟମ ଓ
ମନ୍ତ୍ରୀ ଧର୍ମେନ୍ଦ୍ର ପ୍ର
ମଧ୍ୟ କହିଥିଲେ
ବିଶୋଧନାଗାର,
ପ୍ରପଲିନ, ଏମଇଜି
ଭାରତ ବିଶେଷକଟି
ଷ୍ଟ୍ରିମ ଶିଳ୍ପ ବିକାଶ